ଧରିତ୍ରୀ
DHARITRI
ରାୟଗଡ଼ା, ଗୁରୁବାର, ୨୯ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ମଣ୍ଡଳ କାରାଗାରରେ ଆଜୀବନ ବନ୍ଦୀଙ୍କ ମୃତ୍ୟୁ

କୋରାପୁଟ,୨୮।୧୨(ସ୍ୱ.ପ୍ର.)- କୋରାପୁଟ ମଣ୍ଡଳ କାରାଗାରରେ ଆଜୀବନ ସଜା ଭୋଗୁଥିବା ଜଣେ ବନ୍ଦୀଙ୍କ ବୁଧବାର ମୃତ୍ୟୁ ହୋଇଛି। ତାଙ୍କ ନାମ ରୂପା ପାଙ୍ଗି। ଘର ମାଲକାନଗିରି ଜିଲାରେ। ଏକ ହତ୍ୟା ମାମଲାରେ ସମ୍ପୃକ୍ତ ହୋଇ କୋରାପୁଟ ମଣ୍ଡଳ କାରାଗାରରେ ବନ୍ଦୀ ଥିବା ରୂପା କିଡ୍‌ନୀଜନିତ ସମସ୍ୟାରେ ପିଡିତ ହୋଇ ଗତ ନଭେମ୍ବର ୧୬ରୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସାଧୀନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇ ଜେଲର ଲଲାଟେନ୍ଦୁ ଦାସ ସୂଚନା ଦେଇଛନ୍ତି।

### ମଦ ଚାଲାଣ ବେଳେ ୨ ଗିରଫ

ଜୟପୁର, ୨୮।୧୨(ନି.ପ୍ର.)-ଦେଶୀ ଓ ବିଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଘାଟବାଗ୍ରା ଗ୍ରାମର କାର୍ତ୍ତିକ ବିଷୋୟୀ (୩୦) ଓ ଦାମାପୁଟ ଗ୍ରାମର ହରିଶ୍ଚନ୍ଦ୍ର ଗୌଡ (୨୬)। ବିଭାଗୀୟ କର୍ମଚାରୀ ସୂଚନା ପାଇ ଘାଟବାଗ୍ରା ନିକଟରେ ଚଢ଼ାଉ କରି କାର୍ତ୍ତିକଙ୍କଠାରୁ ୩.୬ ଲିଟର ବିଦେଶୀ ମଦ ବୋତଲ ଜବତ କରିଥିଲେ। ସେହିପରି ହରିଶ୍ଚନ୍ଦ୍ରଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା।

### ଜିଲା ଚିକିତ୍ସାଳୟରେ ୧୦୯ ଅକ୍ସିଜେନ ସିଲିଣ୍ଡର ଗଚ୍ଛିତ ଅଛି

ମାଲକାନଗିରି, ୨୮।୧୨ (ଡି.ଏନ୍.ଏ.)- ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦୯ ଅକ୍ସିଜେନ ସିଲିଣ୍ଡର ଗଚ୍ଛିତ ଅଛି। ବର୍ତ୍ତମାନ




କୋଭିଡ-୧୯ର ନୂଆ ସଂକ୍ରମଣ ଅମିକ୍ରନ ବିଏଫ୍-୭ ଭାରିଆଣ୍ଟ ସମ୍ପର୍କିତ ଲକ୍ଷଣ ମାଲକାନଗିରି ଜିଲାରେ କୌଣସି ବ୍ୟକ୍ତିଙ୍କଠାରେ ଦେଖା ଦେଇନାହିଁ। ତେବେ ଆଗାମୀ ଦିନରେ ଏଥିରେ କେହି ଆକ୍ରାନ୍ତ ହେବାର ଆଶଙ୍କା କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଚିକିତ୍ସାଳୟରେ ୧୦୯ଟି ଅକ୍ସିଜେନ ସିଲିଣ୍ଡର ଗଚ୍ଛିତ ରହିଛି ବୋଲି ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଅନିଲ ମିଶ୍ର କହିଛନ୍ତି। ଭାରତ ସରକାରଙ୍କ ଦ୍ୱାରା ଏଠାରେ ପ୍ରତିଷ୍ଠିତ ହୋଇଥିବା ଏହି ଅକ୍ସିଜେନ ପ୍ଲାଣ୍ଟରେ ପ୍ରତି ମିନିଟରେ ୨୦୦ ଏଲ୍.ପି.ଏମ୍. ଅକ୍ସିଜେନ୍ ଉତ୍ପାଦନ ହେଉଛି। ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ପ୍ଲାଣ୍ଟରେ ପ୍ରତି ମିନିଟରେ ୮୩୪ ଏଲ୍.ପି.ଏମ୍. ଅକ୍ସିଜେନ ଉତ୍ପାଦିତ ହେଉଛି। ଆହୁରି ଏକ ପ୍ଲାଣ୍ଟ ନିର୍ମାଣ ସରିଛି। ସରକାରଙ୍କ ଅନୁମତି ଆସିଲା ପରେ ଏହା କାର୍ଯ୍ୟକ୍ଷମ ହେବ। ଜିଲାରେ ଅକ୍ସିଜେନର ଆବଶ୍ୟକକୁ ପୂରଣ କରିବା ସହ ଅନ୍ୟ ଜିଲାକୁ ଯୋଗାଇ ହେବ ବୋଲି ମିଶ୍ର ସୂଚନା ଦେଇଛନ୍ତି। ଏହିଅବସରରେ ସେ ଚିକିତ୍ସାଳୟକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନେ ମାକ୍ସ ବ୍ୟବହାର କରିବା, ଅଧିକ ଭିଡ ନ ଜମାଇ ସାମାଜିକ ଦୂରତା ବଜାୟ ରଖିବାକୁ ସେ ପରାମର୍ଶ ଦେଇଛନ୍ତି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଜେଡି ଦେଲା ଦାବିପତ୍ର

ମାଲକାନଗିରି, ୨୮।୧୨ (ଡି.ଏନ୍.ଏ.)



ବିକ୍ଷୋଭ ପ୍ରଦର୍ଶନ କରୁଥିବା ବିଜେଡି କର୍ମକର୍ତ୍ତାମାନେ।

କେନ୍ଦ୍ର ସରକାରଙ୍କ ଅବହେଳା ଓ ଆଦିବାସୀ ମାରଣନୀତି ବିରୋଧରେ ବୁଧବାର ଜିଲା ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଜିଲାପାଳଙ୍କ ଜରିଆରେ କର୍ମକର୍ତ୍ତାମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲା ବିଜେଡି ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ନେତୃତ୍ୱରେ ସ୍ଥାନୀୟ ନଗର ଭବନଠାରୁ ଏକ ଶୋଭାଯାତ୍ରା ସହର ପରିକ୍ରମାକରି କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଦୀର୍ଘ ୭୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଓଡ଼ିଶାରେ ବସବାସ କରୁଥିବା ୧୬୦ରୁ ଊର୍ଦ୍ଧ୍ୱ ଜନଜାତି ସମ୍ପ୍ରଦାୟଙ୍କୁ ଆଦିବାସୀ ମାନ୍ୟତା ଦେବାରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବିଜେଡି ଅଭିଯୋଗ କରିଛି। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଦିବାସୀଙ୍କ ଜୀବନ ଜୀବିକା ନିର୍ବାହ ନେଇ ବ୍ୟବସ୍ଥା, ସେମାନଙ୍କ ପାଇଁ ରାସ୍ତାଘାଟ ନିର୍ମାଣ, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା କରାଯାଇଥିବା ବିଜେଡି ନେତୃବୃନ୍ଦ ସୂଚନା ଦେଇଥିଲେ। ଏହାର ପ୍ରତିବାଦରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ

**ଓଡ଼ିଶାର ୧୬୦ ଜନଜାତି ସମ୍ପ୍ରଦାୟଙ୍କୁ ଆଦିବାସୀ ମାନ୍ୟତା ଦାବି**

ସହକାରୀ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ପୂର୍ବତନ ବିଧାୟକ ମାନସ ମାଡକାମି, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ପରାମର୍ଶଦାତା ରାଜେନ୍ଦ୍ର ପଣ୍ଡା, ଗୋପାଳକୃଷ୍ଣ ପଣ୍ଡା, ସାଙ୍ଗଠନିକ ସମ୍ପାଦକ ପ୍ରଭାକର ପ୍ରଧାନ ନୃସିଂହ ଚରଣ ମହାନ୍ତି, ଲମ୍ବୋଦର ଡୁରୁକ, କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ଲକ୍ଷ୍ମୀପ୍ରିୟା ନାୟକ, ପୌର ଉପାଧ୍ୟକ୍ଷା କବିତା ମହନ୍ତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶିକ୍ଷା ବିଭାଗରେ ଅନିୟମିତତା ନେଇ ଅସନ୍ତୋଷ

ମାଲକାନଗିରି,୨୮।୧୨ (ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ସଂଖ୍ୟା ୧୧୬୭୬, ତାରିଖ ୩୧।୫।୨୦୦୬ ଅନୁଯାୟୀ ଡିପିଇପି ମାଧ୍ୟମରେ ଶିକ୍ଷା ସହାୟକ ନିଯୁକ୍ତିରେ ଅନିୟମିତତା ହୋଇଥିବା ଜଣାପଡିଛି। ସରକାରଙ୍କ ଅଣସଂରକ୍ଷିତ ବର୍ଗରେ କେବଳ ତାଲିମପ୍ରାପ୍ତ ବିଇଡି କିମ୍ବା ସିଟି ତାଲିମପ୍ରାପ୍ତଙ୍କୁ ନିଯୁକ୍ତି ଦେବା ନିୟମ ଥିବା ବେଳେ ମାଲକାନଗିରି ଜିଲାରେ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ଅଣସଂରକ୍ଷିତଙ୍କ ଲାଗି ଉଦ୍ଦିଷ୍ଟ ସ୍ଥାନରେ ୧୨୧ ଜଣ ଅଣତାଲିମପ୍ରାପ୍ତ ଅନୁସୂଚିତ ଜାତି ଓ ଜନଜାତିର ପ୍ରାର୍ଥୀଙ୍କୁ ସେତେବେଳେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଅଣତାଲିମପ୍ରାପ୍ତ ପ୍ରାର୍ଥୀଙ୍କୁ ଅନିୟମିତତା କରି ଅଣ ସଂରକ୍ଷିତ ବର୍ଗରେ ନିଯୁକ୍ତି କରା ଯାଇଥିବା ବେଳେ ଅଧିକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ମଙ୍ଗଳ ବିଭାଗରେ ନିଯୁକ୍ତି କରାଯାଇଥିଲା। କମ୍ ନମ୍ବର ରଖିଥିବା ଅଣତାଲିମପ୍ରାପ୍ତ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କୁ କିପରି ଅଣ ସଂରକ୍ଷିତ ବର୍ଗରେ ନିଯୁକ୍ତି ମିଳିଲା ସେନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଗ୍ରେଡେସନ ମଧ୍ୟ ଅଣ ସଂରକ୍ଷିତ ବର୍ଗରେ ପ୍ରଦାନ କରାଯାଇଛି। ୨୦୦୬ରୁ ୨୦୧୧ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ମଧ୍ୟରୁ ବହୁ ଶିକ୍ଷକ ଅଣ ସଂରକ୍ଷିତ ହୋଇଥିବା ସତ୍ତ୍ୱେ ପଦୋନ୍ନତି ପାଇନାହାନ୍ତି। ମାତ୍ର ଅଣତାଲିମପ୍ରାପ୍ତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ନିଯୁକ୍ତ ଶିକ୍ଷକଙ୍କୁ ପଦୋନ୍ନତି ମିଳିଛି। ଏହାକୁ ନେଇ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ମାନସ ଜେନାଙ୍କୁପଚାରିବାରୁ ସେ କହିଛନ୍ତି, ତତ୍କାଳୀନ ଜିଲା ପ୍ରକଳ୍ପ କୋର୍ଡିନେଟର ଏପରି କାର୍ଯ୍ୟ କରିଥାଇ ପାରନ୍ତି। ମୋ ସମୟରେ ଏପରି କିଛି ହୋଇନାହିଁ ବୋଲି ଜେନା କହିଥିଲେ।

# ‘ଦୁର୍ନୀତି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଦଳ ଆନ୍ଦୋଳନ କରିବ’


ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜୟପୁର,୨୮।୧୨(ନି.ପ୍ର.)

ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନଠାରେ ବୁଧବାର କଂଗ୍ରେସର ୧୩୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ଭବନଠାରେ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ପତାକା ଉତ୍ତୋଳନ କରି ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବାବା ସାହେବ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସଭାରେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ୨୦୨୪ ସାଧାରଣ ନିର୍ବାଚନରେ ୯୦ ବିଧାୟକ ଯେପରି ନିର୍ବାଚିତ ହେବେ ସେଥିଲାଗି କୋରାପୁଟ ଜିଲାର ୫ ନିର୍ବାଚନ ମଣ୍ଡଳୀରେ ଏବେ ରହିଥିବା ବିଧାୟକ ଓ ଏମ୍‌ପିଙ୍କ ସମେତ ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ବିଜେଡି ୨୨ ବର୍ଷ ଏବଂ କେନ୍ଦ୍ରରେ ଭାଜପା ୭ ବର୍ଷରୁ ଊର୍ଦ୍ଧ୍ୱ ଶାସନ କଲେଣି, ହେଲେ ରାଜ୍ୟ ଓ ଦେଶରେ ବିଶେଷ ଉନ୍ନତି ହୋଇନାହିଁ। ବେକାରି,ଜିଲାଭିତ୍ତିକ ନିଯୁକ୍ତି, ଚାଷୀ ସମସ୍ୟା, ଦୁର୍ନୀତି ଭ୍ରଷ୍ଟାଚାର ବଢ଼ିଚାଲିଛି। ସରକାର, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟସେବା, ବିଦ୍ୟାଳୟକୁ ଶିକ୍ଷକ ଦେବା ପରିବର୍ତ୍ତେ ନିଜ ଦଳର ସ୍ୱାର୍ଥ ପାଇଁ ବିଶେଷ ଗୁରୁତ୍ୱ ଦେଉଛନ୍ତି। କଂଗ୍ରେସ ଦଳ ଗରିବଙ୍କ ଦଳ। ସେମାନଙ୍କ ସହ କଂଗ୍ରେସ ରହିଛି, ଆଗକୁ ମଧ୍ୟ ଦଳ ରହିବ ବୋଲି ବିଧାୟକ ବାହିନୀପତି କହିଥିଲେ।

**କଂଗ୍ରେସର ପ୍ରତିଷ୍ଠା ଦିବସ**

ଆଗାମୀ ଦିନରେ ଏସବୁକୁ ନେଇ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ। ଜିଲାବ୍ୟାପୀ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ଜାନୁୟାରୀ ୨୭ରୁ ୫ ଦିନ ଧାରଣା ବିକ୍ଷୋଭ କାର୍ଯ୍ୟକ୍ରମ ହେବ। କଂଗ୍ରେସକୁ ଯେଉଁମାନେ ଭଲ ପାଉଛନ୍ତି କଂଗ୍ରେସରେ ଯୁହନ୍ତୁ। ଘରେ ଘରେ କଂଗ୍ରେସର ବାର୍ତ୍ତା ପହଞ୍ଚାନ୍ତୁ ବୋଲି ବାହିନୀପତି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ମହାପାତ୍ର, ରାମ କାଡାମ, କୃଷ୍ଣ କୁଳଦୀପ, ପିଙ୍କୁ ଶତପଥୀ, ନଳିନୀ ରଥ, ସୁକାନ୍ତ ପଟ୍ଟନାୟକ, ବସନ୍ତ ନାୟକ, ଅଜିତ ସାମନ୍ତରାୟ, ଅଶୋକ ଗନ୍ତାୟତ, ନିହାର ବିଷୋୟୀ, ମଦନ ମୋହନ ନାୟକଙ୍କ ସହ ଜିଲାର ସବୁ ବ୍ଲକରୁ କଂଗ୍ରେସ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ଗୋଚାଲାଣ ବେଳେ ୨ କଣ୍ଟେନର ଜବତ

ମାଲକାନଗିରି/କାଲିମେଳା, ୨୮।୧୨ (ଡି.ଏନ୍.ଏ.)


କଣ୍ଟେନରରେ ଥିବା ଗୋରୁ ।

ମାଲକାନଗିରି ଜିଲା ସୀମାନ୍ତ କାଲିମେଳା ବ୍ଲକ ଅନ୍ତର୍ଗତ ମୋଟୁ ପୋଲିସ ବୁଧବାର ଦୁଇଟି ଗୋରୁ ବୋଝେଇ କଣ୍ଟେନର ଜବତ କରିଛି। ଉଭୟ କଣ୍ଟେନରରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଗୋରୁ ଥିବା ଜଣାପଡ଼ିଛି। ସ୍ଥାନୀୟ ଗ୍ରାମର କେତେଜଣ ବ୍ୟକ୍ତି ସେଥିରୁ ଗୋରୁଗୁଡ଼ିକୁ ଉଦ୍ଧାର କରିଥିବା ଦେଖିବାକୁ ମିଳିଛି। ଧରାପଡ଼ିବା ପରେ ୨ ଗାଡ଼ିର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ନିକଟରେ ଗୋବିନ୍ଦପାଲି ଘାଟି ଉପରେ ଏକ କଣ୍ଟେନର ଗୋରୁ ଧରି ଯାଉଥିବା ସମୟରେ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ୩୬ ଗୋରୁଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ୨ଟି କଣ୍ଟେନରରୁ ଏତେ ସଂଖ୍ୟକ ଗୋରୁ ଉଦ୍ଧାର ହେବା ପରେ ଏହା ପଛରେ ଏକ ର୍ୟାକେଟ୍ କାର୍ଯ୍ୟ କରୁଥିବା ସନ୍ଦେହ ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ଯାଞ୍ଚ ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବାକୁ ସାଧାରଣରେ ମତପ୍ରକଶ ପାଉଛି। ମୋଟୁ ଥାନା ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

# ସୁପରଭାଇଜର ବାଣ୍ଟୁଛନ୍ତି ଶିଶୁ ଖାଦ୍ୟ

ଦଶମନ୍ତପୁର,୨୮।୧୨ ( ଡି.ଏନ.ଏ.)

ଦୀର୍ଘ ୩୮ ଦିନ ହେଲା ଅଙ୍ଗନୱାଡ଼ି କର୍ମୀମାନେ ୮ ଦଫା ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ସବୁ କେନ୍ଦ୍ରରେ ତାଲା ଝୁଲୁଛି। ତେବେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୧୬ଟି ପଞ୍ଚାୟତରେ ଥିବା ୨୬୪ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କ ପାଇଁ ରନ୍ଧା ଖାଦ୍ୟବନ୍ଦ ରହିଥିବାରୁ ଶିଶୁ ଓ ମାଆମାନଙ୍କୁ ସୁପରଭାଇଜରମାନେ ଶୁଖିଲା ଖାଦ୍ୟ ଭାବେ ଛତୁଆ ବାଣ୍ଟୁଥିବା ଜଣାପଡିଛି। ଯେ ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀମାନେ କାର୍ଯ୍ୟରେ ଯୋଗ ଦେଇନାହାନ୍ତି ସେ ପର୍ଯ୍ୟନ୍ତ ସୁପରଭାଇଜରମାନେ ଛତୁଆ ବିତରଣ କରିବେ ବୋଲି ସିଡିପିଓ ସାବିତ୍ରୀ ସାହୁ କହିଛନ୍ତି।

# ସେମିଳିଗୁଡା ପ୍ରେସ କ୍ଲବର ବୈଠକ

ସେମିଳିଗୁଡା,୨୮।୧୨(ସ୍ୱ.ପ୍ର.)

ସେମିଳିଗୁଡା ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଛି। କ୍ଲବର ସାଙ୍ଗଠନିକ ସ୍ଥିତି, କ୍ଲବ କିପରି ଅଧିକରୁ ଅଧିକ ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟ କରିବ, ସମସ୍ତ ସଦସ୍ୟଙ୍କୁ ପରିଚୟ ପତ୍ର,ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା ହୋଇଥିଲା। ବାର୍ଷିକ ଉତ୍ସବ ପରିଚାଳନା ନେଇ ବିଭିନ୍ନ କମିଟି ଗଠନ କରାଯାଇଥିଲା। କ୍ଲବର କାର୍ଯ୍ୟକାରୀ ସଭାପତି ବାସୁଦେବ ବରାଡ଼, ଉପସଭାପତି ସିଏଚ କୁର୍ମା ରାଓ, କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ କର୍ଣ୍ଣାଟ କେଶରୀ ସାମଲ, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ଭୋଳ, ସାଂସ୍କୃତିକ ସମ୍ପାଦକ ପ୍ରଭାତ ସୁତାର, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସ୍ୱାଇଁ, ସଦସ୍ୟ ପ୍ରସନ୍ନ ଦାଶ, ପ୍ରମୋଦ ପଣ୍ଡା, ସ୍ୱସ୍ତିକ ମିଶ୍ର, ରଜତ ବାଘ, ନିକୁଞ୍ଜ ବିହାରୀ ସାମଲ, ଜଗଦୀଶ ସାହୁ, ରୁନା ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସଂପାଦକ ଶ୍ରୀକାନ୍ତ ଚୌଧୁରୀ ସ୍ୱାଗତ ସୂଚନା ଦେଇଥିଲେ।

# ଲୋକଙ୍କ ହୃଦୟରେ କଂଗ୍ରେସ ଅଛି, ରହିଥିବ


ସମାବେଶରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀମାନେ।

ମାଥିଲି,୨୮।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ମହକୁମାସ୍ଥିତ ମା’ ମାଉଲି ମନ୍ଦିର ପରିସରରେ ବୁଧବାର କଂଗ୍ରେସର ୧୩୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ମୁଖ୍ୟବକ୍ତା ଭାବେ ପିସିସି ସଭ୍ୟ ପ୍ରାଣକୃଷ୍ଣ ମଣ୍ଡଳ, ସମ୍ମାନିତ ଅତିଥି ରୂପେ ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା, ଶହୀଦ ଲକ୍ଷ୍ମଣ ନାୟକଙ୍କ ନାତି ମୁକୁନ୍ଦ ନାୟକ, ଦଶରଥ ଡୁରୁକା, ସୁନଧାର କାକାରି, ଭୀମ ବର୍ଷେ, ଜିଲା କଂଗ୍ରେସ ସମ୍ପାଦକ ଏମ୍‌ଡି ଆକବର, ମାଲକାନଗିରି ବ୍ଲକ ସଭାପତି ଭାସ୍କର ଫଟକା, ବ୍ଲକ ଯୁବ କଂଗ୍ରେସ ସଭାପତି ପ୍ରମୋଦ ମାଡକାମି, ଜିଲା ଏସ୍‌ଟି ସେଲ୍ ସଭାପତି ଇର୍ମା ପଡ଼ିଆମି, ବ୍ଲକ ସଭାପତି ମଙ୍ଗଳା ଗୌଡ଼, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସ୍ମୃତି ରଞ୍ଜନ, ତ୍ରିନାଥ ଭୂମିଆ, ଜିଲା ଯୁବ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଅନୁଗୁ, ପୂର୍ବତନ ସରପଞ୍ଚ ଗୌରୀ ବଟେ, ପୂର୍ବତନ ସରପଞ୍ଚ ଫୁଲମତୀ ଜିରାମ,ମାଲକାନଗିରି ବ୍ଲକ ମହିଳା ସଭାନେତ୍ରୀ ଦେବିକା ପୂଜାରୀ, ମାଥିଲି ବ୍ଲକ ଉପସଭାପତି ନବୀନ ଚନ୍ଦ୍ର ଭୂପତି, ମାଥିଲି ବ୍ଲକ କମିଟି ସାଧାରଣ ସମ୍ପାଦକ ବାସୁଦେବ ଭୂମିଆ ପ୍ରମୁଖ ଯୋଗଦେଇଥିଲେ। ଦେଶରେ ବୃଦ୍ଧି ପାଉଥିବା ଧର୍ମ ନାଁ ରେ ରାଜନୀତି, ଜାତିବାଦ ଓ ଆଞ୍ଚଳିକତାବାଦ ବିରୋଧରେ ଏକ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଦେଶ ଓ ରାଜ୍ୟରେ କ୍ଷମତାରେ ଥିବା ଦଳଗୁଡ଼ିକ ଲୋକଙ୍କ ଖାଦ୍ୟ, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ପ୍ରତି ଗୁରୁତ୍ୱ ଦେବା ପରିବର୍ତ୍ତେ ଧର୍ମ ଓ ଆଞ୍ଚଳିକତାବାଦ ନାଁରେ ଦେଶକୁ ଭାଗଭାଗ କରିବାକୁ ଚକ୍ରାନ୍ତ କରୁଥିବା ସେମାନେ ଅଭିଯୋଗ କରିଥିଲେ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାର ସଫଳତାରେ ଈର୍ଷାନ୍ୱିତ ହୋଇ ଭାଜପା ନେହେରୁ ଓ ରାହୁଲଙ୍କ ନାଁରେ ଯେତେ ଅପପ୍ରଚାର କଲେ ମଧ୍ୟ ଲୋକଙ୍କ ହୃଦୟରେ କଂଗ୍ରେସ ଅଛି ଓ ରହିବ ବୋଲି କହିଥିଲେ। ଆଞ୍ଚଳିକତାବାଦୀ ଓ ଧର୍ମାନ୍ଧତାବାଦୀଙ୍କ ପ୍ରତି ସତର୍କ ରହିବ। ଦେଶର ଲୋକତନ୍ତ୍ର, ଧର୍ମନିରପେକ୍ଷତା ଓ ସମ୍ବିଧାନର ସୁରକ୍ଷା ପାଇଁ କର୍ମୀମାନେ ଏହି ଅବସରରେ ଶପଥ ନେଇଥିଲେ । କାର୍ଯ୍ୟକ୍ରମରେ ଜିଲାର ସବୁ ବ୍ଲକର ବହୁ ସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ।

**ମାଥିଲିରେ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ**

# ବିଭିନ୍ନ ଦାବି ନେଇ ଅଙ୍ଗନୱାଡି କର୍ମୀଙ୍କ ସମାବେଶ

କୋରାପୁଟ,୨୮।୧୨(ସ୍ୱ.ପ୍ର.)

କୋରାପୁଟରେ ବିଭିନ୍ନ ଦାବି ନେଇ ବୁଧବାର ଜିଲା ଅଙ୍ଗନୱାଡି କର୍ମୀଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ବହିଷ୍କୃତ ହୋଇଥିବା ୬ କର୍ମୀଙ୍କୁ ପୁନଃ ନିଯୁକ୍ତି, ଅବସରକାଳିନ ସହାୟତା ରାଶି ୫ ଲକ୍ଷ ଦେବା, ମାସିକ ପେନସନ ୫ ହଜାର ଟଙ୍କା ପ୍ରଦାନ ସହ ଅନ୍ୟାନ୍ୟ ଦାବି ସେମାନଙ୍କର ରହିଛି। ୩୭ ଦିନ ହେଲା ଉପରୋକ୍ତ ଦାବିଗୁଡିକ ପୂରଣ ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟ ସରକାର ଏ ଦିଗରେ ଏଯାଏ ନୀରବ ରହିଛନ୍ତି ବୋଲି ଜିଲା ଅଙ୍ଗନୱାଡି ସଭାନେତ୍ରୀ ସଂଯୁକ୍ତା ସାହୁ କହିଛନ୍ତି। ଆସନ୍ତା ୩ରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଯଦି ଏହି ଦିନ ଦାବି ପୂରଣ ନେଇ ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ନ ହୁଏ ତେବେ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

# ଅଙ୍ଗନୱାଡି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ଦେଲେ

ମାଲକାନଗିରି,୨୮।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ଅଙ୍ଗନୱାଡି କର୍ମଚାରୀ ସଂଘ ପକ୍ଷରୁ ବୁଧବାର ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ୬ଜଣ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି, ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ ମାନ୍ୟତା, ମାସକୁ ୧୮ହଜାର ଟଙ୍କା ଦରମା, ସହାୟିକାଙ୍କୁ ୯ ହଜାର ଦରମା ଦେବା, ମିନି ଅଙ୍ଗନୱାଡି କେନ୍ଦ୍ରର ଉଚ୍ଛେଦ କରିବା, କାର୍ଯ୍ୟ ସମୟରେ ମୃତ୍ୟୁବରଣ କରିଥିବା ଅଙ୍ଗନୱାଡି କର୍ମୀଙ୍କ ପରିବାରବର୍ଗଙ୍କୁ ୫ ଲକ୍ଷ ଟଙ୍କା ସହାୟତା, ପରିବାରର ଜଣଙ୍କୁ ଚାକିରି ଦେବା, ଅବସରକାଳୀନ ସହାୟତା ୫ ଲକ୍ଷ ଟଙ୍କା ଦେବା ସହ ପ୍ରତିମାସରେ ୫ ହଜାର ଟଙ୍କା ପେନସନ୍ ଦେବା, ୨୦୧୮ରେ ଘୋଷିତ ଗ୍ରୀଷ୍ମ ଅବକାଶକୁ ଲାଗୁ କରିବା, ସ୍ନାତକ ଡିଗ୍ରୀହାସଲ କରିଥିବା ୫୦ ପ୍ରତିଶତ କର୍ମୀଙ୍କୁ ସୁପରଭାଇଜର ପଦବୀକୁ ପଦୋନ୍ନତି ଦେବା ଆଦି ଦାବିରହିଛି। ଏଥିରେ ଜିଲାର ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଅଂଶଗ୍ରହଣ କରିଥିଲେ ।


ଅଙ୍ଗନୱାଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସୁନାବେଡ଼ା ଉତ୍କଳ କରାଟେ ସ୍କୁଲକୁ ୧୨ ସ୍ୱର୍ଣ୍ଣ ପଦକ

**ଦ୍ୱାଦଶ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା**

ସୁନାବେଡ଼ା,୨୮।୧୨(ସ୍ୱ.ପ୍ର.)



ପଦକ ଜିତିଥିବା ପ୍ରତିଯୋଗୀମାନେ।

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଡିସେମ୍ବର ୨୧ରୁ ୨୫ ପର୍ଯ୍ୟନ୍ତ ଚାଲିଥିବା ଦ୍ୱାଦଶ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ ସୁନାବେଡ଼ା ଉତ୍କଳ କରାଟେ ସ୍କୁଲକୁ ୧୨ ସ୍ୱର୍ଣ୍ଣପଦକ ସହ ମୋଟ ୫୧ ପଦକ ମିଳିଛି। ଏଥିରେ ଓଡ଼ିଶା ସମେତ ଗୁଜରାଟ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଏବଂ ବିହାର ରାଜ୍ୟର ପ୍ରାୟ ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସୁନାବେଡ଼ା ଉତ୍କଳ କରାଟେ ସ୍କୁଲରୁ ୪୦ ଜଣ ପ୍ରତିଯୋଗୀ ଭାଗନେଇ ୧୨ ସ୍ୱର୍ଣ୍ଣ, ୧୯ ରୌପ୍ୟ ଏବଂ ୨୧ କାଂସ୍ୟ ପଦକ ହାସଲ କରିଛନ୍ତି। ଅନୁରାଧା, ଡି. କୁନ୍ଦନ, ରାମତେଜ, ରତୁମ୍ବରା(୨), ଅମୃତାଂଶୁ, ଇନେସ, ଅର୍ଣ୍ଣଭ(୨), ପ୍ରତୀତି, ହାର୍ଦ୍ଦିକ, ନୀତୀଶ ପ୍ରମୁଖ ପ୍ରତିଯୋଗୀମାନେ ବିଭିନ୍ନ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ଶ୍ରୀଦ୍ୟା, ସିଦଧୀକ୍ଷା, ସୁଶ୍ରୀ ସାଧନା, ଆନିତେଜ, ହର୍ଷିକା, ଅନୁଷ୍କା, ଯୁବରାଜ, ଶ୍ରେୟାଶୀ, ଚିରସ୍ମିତା, ଅନନ୍ୟା, ସ୍ୱୀକୃତି, ଆନନ୍ଦଚନ୍ଦ୍ର, ଉତ୍ତମ, ସ୍ୱୟମ, ପରିସ୍ମିତା, ଶାଶ୍ୱତୀ ପ୍ରମୁଖ ରୌପ୍ୟ ପଦକ ହାସଲ କରିଛନ୍ତି । କାଂସ୍ୟରେ ଶ୍ରୀଲେଖା, ଚନ୍ଦ୍ରଶେଖର, ବୈଭବ, ଭାଗ୍ୟବତୀ, କୁଳକାନ୍ତ, ପ୍ରଦୀପ, ଆରିଶ, ଶୋଭାଙ୍ଗୀ ପ୍ରମୁଖ ପଦକ ପାଇଛନ୍ତି । ଦଳ ସହ ଅଫିସିଆଲ ଭାବେ ସିନିୟର ରେଫରି ମହେଶ ଚନ୍ଦ୍ର ବରାଳ, ରେଫରି ତପନ ବେହେରା ଏବଂ ଟିମ୍ ମ୍ୟାନେଜର ରୂପେ ପ୍ରଦୀପ ମଲ୍ଲିକ ଭୁବନେଶ୍ୱର ଗସ୍ତ କରିଥିଲେ। ସ୍କୁଲ ସଭାପତି ମନୋଜ ପଟ୍ଟନାୟକ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

